# ଭାରତ ନିର୍ବାଚନ ଆୟୋଗ

## ଫର୍ମ - ୭

ପ୍ରାପ୍ତିସ୍ୱୀକାର ସଂଖ୍ୟା_______________
(କାର୍ଯ୍ୟାଳୟ ଦ୍ୱାରା ପୁରଣ ହେବ)

(ନିର୍ବାଚକ ପଞ୍ଜିକରଣ ନିୟମ, ୧୯୬୦ର ନିୟମ ୧୩(୨) ଓ ୨୬ ଦ୍ରଷ୍ଟବ୍ୟ)

**ଭୋଟର ତାଲିକାରେ ଅନ୍ୟ ବ୍ୟକ୍ତିଙ୍କ ନାମକୁ ଅନ୍ତର୍ଭୁକ୍ତ କରାଯିବା ବିରୁଦ୍ଧରେ ଆପତ୍ତି / ନିଜ ନାମକୁ ବାଦ୍ ଦେବାକୁ ଚାହିଁ / ମୃତ୍ୟୁ / ସ୍ଥାନ ପରିବର୍ତ୍ତନ କାରଣ ଯୋଗୁଁ ଅନ୍ୟ କୌଣସି ବ୍ୟକ୍ତିଙ୍କର ନାମ ବାଦ୍ କରାଯିବାକୁ ଚାହିଁ ଦରଖାସ୍ତ ।**

ପ୍ରାପ୍ତେଷୁ, ନିର୍ବାଚକ ପଞ୍ଜିକରଣ ଅଧିକାରୀ.............................................................. ବିଧାନସଭା / ସଂସଦୀୟ ନିର୍ବାଚନମଣ୍ଡଳୀ ।

ମୁଁ ଭୋଟର ତାଲିକାରେ ନିମ୍ନଲିଖିତ ବ୍ୟକ୍ତିଙ୍କର ନାମ ଅନ୍ତର୍ଭୁକ୍ତ କରାଯିବା ପ୍ରସ୍ତାବକୁ ଆପତ୍ତି କରୁଅଛି । ☐

ମୁଁ ଅନୁରୋଧ କରୁଛି ଯେ ନିମ୍ନଲିଖିତ ବ୍ୟକ୍ତିଙ୍କ ନାମ ସମ୍ବନ୍ଧୀୟ ତଥ୍ୟ ବାଦ କରାଯିବା ଆବଶ୍ୟକ । ☐

ମୁଁ ଅନୁରୋଧ କରୁଛି ଯେ ଭୋଟର ତାଲିକାରେ ମୋ ସମ୍ବନ୍ଧୀୟ ତଥ୍ୟକୁ ବାଦ ଦିଆଯାଉ । ☐

***ମୋର ଆପତ୍ତି / ବାଦ କରାଯିବା ସପକ୍ଷରେ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :-***

**ଆବେଦନକାରୀଙ୍କ ବିବରଣୀ**

| | | | |
|---|---|---|---|
| (କ) ନାମ | | | |
| (ଖ) ଶେଷ ନାମ (ଯଦି ଥାଏ) | | | |
| (ଗ) ଭାଗ ସଂଖ୍ୟା | ☐☐☐☐ | (ଘ) କ୍ରମିକ ସଂଖ୍ୟା | ☐☐☐☐ |
| (ଙ) ଇପିଆଇସି (EPIC No.)ସଂଖ୍ୟା (ଯଦି ଦିଆଯାଇଥାଏ) | | | |

**ଯେଉଁ ବ୍ୟକ୍ତିଙ୍କର ନାମ ଅନ୍ତର୍ଭୁକ୍ତ କରାଯିବା ଉପରେ ଆପତ୍ତି କରାଯାଇଛି ବା ଯାହାର ନାମ ବାଦ୍ ଦିଆଯିବ ସେହି ବ୍ୟକ୍ତିଙ୍କର ସବିଶେଷ ବିବରଣୀ :**

| | | | |
|---|---|---|---|
| (କ) ନାମ | | | |
| (ଖ) ଶେଷ ନାମ (ଯଦି ଥାଏ) | | | |
| (ଗ) ଭାଗ ସଂଖ୍ୟା | ☐☐☐☐ | (ଘ) କ୍ରମିକ ସଂଖ୍ୟା | ☐☐☐☐ |
| (ଙ) ଇପିଆଇସି (EPIC No.)ସଂଖ୍ୟା (ଯଦି ଦିଆଯାଇଥାଏ) | | | |
| (ଚ) ଆପତ୍ତି / ବାଦ ଦେବାର କାରଣ: | | | |
| | | | |
| | | | |
| | | | |

**ଘୋଷଣା –** ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ଉପରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଓ ବିବରଣୀ ମୋର ଜ୍ଞାନ ଓ ବିଶ୍ୱାସମତେ ସତ୍ୟ ଅଟେ । ମୁଁ ଅବଗତ ଅଛି କି, ଏପରି ବିବୃତ୍ତି ଦେବା ବା ଘୋଷଣା କରିବା ଯାହା ମିଥ୍ୟା ଅଟେ ଓ ଯାହା ମୁଁ ଜାଣେ ବା ବିଶ୍ୱାସ କରେ କି ମିଥ୍ୟା ଅଟେ ବା ଯାହାର ସତ୍ୟତା ଉପରେ ମୁଁ ବିଶ୍ୱାସ କରୁନାହିଁ, ତାହା ଲୋକ ପ୍ରତିନିଧିତ୍ୱ ଅଧିନିୟମ (୧୯୫୦ ର ୪୩) ର ଧାରା ୩୧ ଅନୁଯାୟୀ ଦଣ୍ଡନୀୟ ଅଟେ ।

**ସ୍ଥାନ....................................**

**ତାରିଖ.................................** **ଦରଖାସ୍ତକାରୀଙ୍କ ସ୍ୱାକ୍ଷର...................................................**

**କ୍ଷେତ୍ରସ୍ତରୀୟ ଯାଞ୍ଚ୍ କରୁଥିବା ଅଧିକାରୀଙ୍କ ମନ୍ତବ୍ୟ :-**

# ଫର୍ମ-୭ ପୁରଣ ନିମନ୍ତେ ମାର୍ଗଦର୍ଶିକା

**ଫର୍ମ-୭ କିପରି ପୁରଣ କରାଯିବ:**

୧. କୌଣସି ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ହୋଇଥିବା ଜଣେ ଭୋଟର, ସେହି ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକାରେ ଅନ୍ୟଜଣେ ବ୍ୟକ୍ତିଙ୍କର ନାମ ଯୋଗ କରିବା ପ୍ରସ୍ତାବ ଉପରେ ଆପତ୍ତି ଉଠାଇ ଫର୍ମ-୭ ରେ ଦରଖାସ୍ତ, ସମ୍ପୃକ୍ତ ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କୁ ସମ୍ବୋଧନ କରି ଦାଖଲ କରିପାରିବେ । ଖାଲିଥିବା ସ୍ଥାନରେ ନିର୍ବାଚନମଣ୍ଡଳୀର ନାମ ଲେଖିବାକୁ ହେବ ।

**୨. ଯେଉଁ ବ୍ୟକ୍ତିଙ୍କର ନାମ ଯୋଗ କରାଯିବା ଉପରେ ଆପତ୍ତି କରାଯାଇଅଛି / ଯେଉଁ ବ୍ୟକ୍ତିଙ୍କର ନାମ ବାଦ ଦେବାକୁ ହେବ ତା'ର ସବିଶେଷ ବିବରଣୀ :**

ତିନୋଟି ବିକଳ୍ପ ମଧ୍ୟରୁ ପ୍ରଥମ ବିକଳ୍ପଟି ଭୋଟର ତାଲିକା ପୁନଃନିରୀକ୍ଷଣ ସମୟରେ ଚିଠା ଭୋଟର ତାଲିକା ପ୍ରକାଶିତ ହେବା ପରେ ପ୍ରଯୁଜ୍ୟ ଅଟେ । ଅର୍ଥାତ୍, ଚିଠା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଯେଉଁ ନାମ ଉପରେ ଆପତ୍ତି କରାଯାଇଛି ତାହାକୁ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ ସମୟରେ ବାଦ ତାଲିକାରେ ଦର୍ଶାଇବା । ଦ୍ୱିତୀୟ ବିକଳ୍ପଟି ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ନିରବଚ୍ଛିନ୍ନ ସଂଶୋଧନ ସମୟରେ ପ୍ରଯୁଜ୍ୟ । ଅର୍ଥାତ, ଚୁଡାନ୍ତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ନାମ ବାଦ୍ ଦେବା (ଦୟାକରି ଫର୍ମ ପୁରଣ କରିବାବେଳେ ଉପଯୁକ୍ତ ବିକଳ୍ପରେ ଠିକ୍ ଚିହ୍ନ ଦିଅନ୍ତୁ) ।

ଏତଦ୍ ଭିନ୍ନ ଯେଉଁ ବ୍ୟକ୍ତିଙ୍କ ନାମ ଯୋଗ କରିବାକୁ ଆପତ୍ତି କରାଯିବ କିମ୍ବା ବାଦ ଦେବା ନିମନ୍ତେ ଅନୁରୋଧ କରାଯିବ, ଭୋଟର ତାଲିକାରେ ଅନ୍ୟାନ୍ୟ ବିବରଣୀ ଯଥା- ଭୋଟର ତାଲିକାରେ ସଂପୃକ୍ତ ବ୍ୟକ୍ତିଙ୍କର ନାମଥିବା **ଭାଗ ସଂଖ୍ୟା ଓ କ୍ରମିକ ସଂଖ୍ୟା ତଥା ସେହି ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ପରିଚୟ ପତ୍ର ସଂଖ୍ୟାମାନ (ପଦକ୍ରମ (କ), (ଖ), (ଗ) ଓ (ଘ))** ମଧ୍ୟ ପୁରଣ କରିବାକୁ ହେବ । ଏହିସବୁର ବିବରଣୀ ଭୋଟର ତାଲିକାର ସମ୍ପୃକ୍ତ ଭାଗରେ ଉପଲବ୍ଧ । **ଭାଗ ସଂଖ୍ୟା** ଭୋଟର ତାଲିକାର ଶୀର୍ଷରେ ଡାହାଣପଟ କୋଣରେ ମୁଦ୍ରିତ ହୋଇଥାଏ । ପ୍ରତି ପ୍ରବିଷ୍ଟକୁ ଗୋଟିଏ କ୍ରମିକ ସଂଖ୍ୟା ଦିଆଯାଇଥାଏ । ଦୟାକରି ଭୋଟର ତାଲିକାକୁ ଯାଞ୍ଚ କରନ୍ତୁ ଏବଂ ସୁଚୀଭୁକ୍ତ ହୋଇଥିବା ସେହି ବ୍ୟକ୍ତିଙ୍କର କ୍ରମିକ ସଂଖ୍ୟା ଲେଖନ୍ତୁ ଯେଉଁ ବ୍ୟକ୍ତିଙ୍କର ନାମ ପ୍ରବେଶ ନିମନ୍ତେ ଆପତ୍ତି ବା ବାଦ ଦେବା ନିମନ୍ତେ ଅନୁରୋଧ କରାଯାଇଛି । ଯଦି ସେହି ବ୍ୟକ୍ତିଙ୍କୁ ଭୋଟର **ପରିଚୟ ପତ୍ର** ଆଗରୁ ପ୍ରଦାନ କରାଯାଇଅଛି ତେବେ ତାହାର ସଂଖ୍ୟା ପ୍ରବିଷ୍ଟ ନାମ ସହିତ ମୁଦ୍ରିତ ହୋଇଥିବ । ଦୟାକରି ଦିଆଯାଇଥିବା ସ୍ଥାନରେ ସେହି ପରିଚୟ ପତ୍ର ସଂଖ୍ୟା ସମ୍ପୂର୍ଣ୍ଣ ଭାବେ ଲେଖନ୍ତୁ ।

ପ୍ରତ୍ୟେକ ନାମ ଯୋଗ ଉପରେ ଆପତ୍ତି ଉଠାଇବା / ନାମ ବାଦ ଦେବାକୁ ଅନୁରୋଧ ନିମନ୍ତେ ପ୍ରତ୍ୟେକଟି ପାଇଁ ତିନୋଟି ବିକଳ୍ପ ମଧ୍ୟରୁ ପ୍ରତ୍ୟେକ ବିକଳ୍ପ ପାଇଁ ପୃଥକ ପୃଥକ ଭାବେ ଦରଖାସ୍ତ କରିବାକୁ ହେବ। ଅର୍ଥାତ୍, ଗୋଟିଏ ବିକଳ୍ପକୁ ବାଛିବାପାଇଁ ଅନୁମତି ଅଛି ।

**୩. ଆପତ୍ତିକାରିଙ୍କ ବିଶଦ ବିବରଣୀ** :

ଜଣେ ଆପତ୍ତିକାରି କେବଳ ଫର୍ମ-୭ ମାଧ୍ୟମରେ କେବଳ ସେହି ବ୍ୟକ୍ତିଙ୍କ ନାମରେ ଆବେଦନ କରିପାରିବେ ଯାହାର ନାମ ଭୋଟର ତାଲିକାର ସେହି ଭାଗରେ ପଞ୍ଜିକୃତ ଅଛି ଯେଉଁଥିରେ ଆପତ୍ତିକାରି ନିଜେ ପଞ୍ଜିକୃତ ଅଛନ୍ତି । ଆପତ୍ତିକାରୀ ଦିଆଯାଇଥିବା ସ୍ଥାନ (ପଦକ୍ରମ (କ), (ଖ),(ଗ), (ଘ) ଓ (ଙ)) ରେ ତାଙ୍କର ନାମ ଶେଷ ନାମ ସହିତ ଭୋଟର ତାଲିକାର ଭାଗ ସଂଖ୍ୟା ଏବଂ ସେହି କ୍ରମିକ ସଂଖ୍ୟା ଉଲ୍ଲେଖ କରିବେ, ଯେଉଁ ଭାଗର ଭୋଟର ତାଲିକାରେ ତାଙ୍କ ନାମ ପଞ୍ଜିକୃତ ହୋଇଛି ।

**୪. ଆପତ୍ତି / ବାଦ୍ ଦେବାର କାରଣ**:

ଆବେଦନକାରୀ 'ଆପତ୍ତିକାରି' ଭାଗ 'ଚ' ରେ ନିଶ୍ଚିତ ଭାବେ ସେହି କାରଣଗୁଡିକୁ ଦର୍ଶାଇବେ କି, କାହିଁକି ତାଙ୍କ ହିସାବରେ ସେହି ବ୍ୟକ୍ତିର ନାମକୁ ଉକ୍ତ ଭାଗର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନିମନ୍ତେ ଯୋଗ୍ୟ ନୁହେଁ ବୋଲି ଆପତ୍ତି କରାଯାଉଅଛି ଯଥା: ମୃତ୍ୟୁ କାରଣ ବଶତଃ, ସ୍ଥାନ ପରିବର୍ତ୍ତନ ବଶତଃ କିମ୍ବା ପଞ୍ଜିକୃତ ଠିକଣାରେ ସାଧାରଣତଃ ଭାବେ ବସବାସ କରୁନଥିବା ହେତୁ ଓ ଅନ୍ୟାନ୍ୟ କାରଣ ବସତ ଭୋଟର ତାଲିକାରୁ ନାମ ବାଦ ନିମନ୍ତେ ଦର୍ଶାଯାଇଥିବା କାରଣର ସତ୍ୟତା ପ୍ରମାଣ କରିବା ଆପତ୍ତିକାରୀଙ୍କ ଦାୟିତ୍ୱ ।

**୫. ଘୋଷଣା** :

ଦରଖାସ୍ତର ଶେଷଭାଗରେ ଦରଖାସ୍ତକାରୀ ଘୋଷଣା କରିବେ ଯେ ଦରଖାସ୍ତରେ ଉଲ୍ଲେଖ କରାଯାଇଥିବା ତଥ୍ୟମାନ ତାଙ୍କ ଜ୍ଞାନ ଓ ବିଶ୍ୱାସମତେ ସତ୍ୟ ଅଟେ। ଆବେଦନକାରୀ ପ୍ରଦାନ କରିଥିବା ବର୍ତ୍ତମାନର ଠିକଣାରେ କେଉଁ ତାରିଖରୁ ରହି ଆସୁଛନ୍ତି ତାହା (ପ୍ରାଞ୍ଜଳ ଭାବେ ଉଲ୍ଲେଖ ହେବା ଦରକାର) ଉଲ୍ଲେଖ କରନ୍ତୁ । ଘୋଷଣାରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ଧାରା ୩୧ ଅନୁଯାୟୀ ଦଣ୍ଡନୀୟ ହେବେ ।

***

## ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ବିଶଦ ବିବରଣୀ
## (ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ଦ୍ୱାରା ପୂରଣ ହେବ)

ଶ୍ରୀ/ଶ୍ରୀମତୀ/କୁମାରୀ........................................................................................................ ଫର୍ମ-୭ ରେ ଶ୍ରୀ/ଶ୍ରୀମତୀ/ କୁମାରୀ........................................................................................................ ଙ୍କର ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ହେବା ବିରୁଦ୍ଧରେ / ନାମ ବାଦ କରିବାକୁ ଚାହିଁ ଦେଇଥିବା ଦରଖାସ୍ତ ମଞ୍ଜୁର /ନାମଞ୍ଜୁର କରାଯାଇଛି । ମଞ୍ଜୁର ପ୍ରାପ୍ତିର (ନିୟମ ୧୮ / ୨୦ / ୨୬ (୪) ମୁତାବକ) କିମ୍ବା ନାମଞ୍ଜୁର ପ୍ରାପ୍ତିର [ନିୟମ ୧୭ / ୨୦ / ୨୬ (୪) ମୁତାବକ] ର ବିସ୍ତୃତ କାରଣ ନିମ୍ନରେ ପ୍ରଦାନ କରାଗଲା :

**ସ୍ଥାନ :**

**ତାରିଖ :** **ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସ୍ୱାକ୍ଷର** **ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ମୋହର**

---

ନିଆଯାଇଥିବା ନିଷ୍ପତ୍ତିର ସୂଚନା (ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ଦ୍ୱାରା ପୂରଣ ହେବ ଏବଂ ଅଭିଲେଖରେ ଉପଲବ୍ଧ / ଆବେଦକ ଦେଇଥିବା ଠିକଣାରେ ଡାକ ଦ୍ୱାରା ପଠାଯିବ)

| | | | | |
|---|---|---|---|---|
| ୭ ନମ୍ବର ଫର୍ମରେ ଶ୍ରୀ/ ଶ୍ରୀମତୀ/ କୁମାରୀ.......................................................................... ଙ୍କର ଦରଖାସ୍ତ | | | | ପ୍ରେରଣ ସମୟରେ ନିର୍ବାଚକ ପଞ୍ଜିକରଣ ପ୍ରାଧିକାରୀଙ୍କ ଦ୍ୱାରା ଡାକ ଟିକଟ ଲଗାହେବ। |
| ବର୍ତ୍ତମାନର ଠିକଣା ଯେଉଁଠାରେ ଆବେଦକ ସାଧାରଣଭାବେ ବସବାସ କରନ୍ତି | | ଘର ସଂଖ୍ୟା | | |
| ରାସ୍ତା/ ଅଞ୍ଚଳ / ସ୍ଥାନ | | | | |
| ସହର / ଗ୍ରାମ | | | | |
| ଡାକଘର | | ପିନକୋଡ୍ | ☐☐☐☐☐☐ | |
| ଜିଲ୍ଲା | | ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | | |

(କ) ମଞ୍ଜୁର କରାଯାଇଛି ଏବଂ ଶ୍ରୀ / ଶ୍ରୀମତୀ / କୁମାରୀ...............................................................................ଙ୍କର ନାମକୁ ବିଧାନ ସଭା ନିର୍ବାଚନମଣ୍ଡଳୀର ସଂଖ୍ୟା ................................. ର ଭାଗ ସଂଖ୍ୟା ......................... ରୁ ବାଦ ଦିଆଯାଇଛି ।

(ଖ) ନାମଞ୍ଜୁର ର କାରଣ.....................................................................................................................................

ନିର୍ବାଚକ ପଞ୍ଜିକରଣ ଅଧିକାରୀ

ତାରିଖ............................................ ଠିକଣା................................................

---

### ପ୍ରାପ୍ତିସ୍ୱୀକାର / ରସିଦ୍

ପ୍ରାପ୍ତିସ୍ୱୀକାର ସଂଖ୍ୟା...................................... ତାରିଖ.........................................

ଶ୍ରୀ/ ଶ୍ରମତୀ/ କୁମାରୀ................................................................................ ଙ୍କ ଠାରୁ ଫର୍ମ- ୭ ରେ ଦରଖାସ୍ତ ଗ୍ରହଣ କରାଗଲା ।

[ଆବେଦନକାରୀ ଆବେଦନର ସ୍ଥିତି ଜାଣିବାପାଇଁ ପ୍ରାପ୍ତିସ୍ୱୀକାର ସଂଖ୍ୟା ଦର୍ଶାଇ ପାରିବେ]

**ଇଆରଓ / ଏଇଆରଓ / ବିଏଲଓଙ୍କ ନାମ ଓ ସ୍ୱାକ୍ଷର**